# ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

**NTSE**

## ରାଜ୍ୟସ୍ତରୀୟ ଜାତୀୟ ମେଧା ବୃତ୍ତି ପରୀକ୍ଷା, ୨୦୧୮-୧୯

୨୦୧୮-୧୯ ଶିକ୍ଷା ବର୍ଷରେ ଓଡ଼ିଶାର ସ୍ୱୀକୃତି ପ୍ରାପ୍ତ ବିଦ୍ୟାଳୟମାନଙ୍କରେ ଦଶମ ଶ୍ରେଣୀରେ ପଢୁଥିବା ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କ ଠାରୁ ରାଜ୍ୟସ୍ତରୀୟ ଜାତୀୟ ମେଧାବୃତ୍ତି ପରୀକ୍ଷା ୨୦୧୮-୧୯ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି। ଏହି ପରୀକ୍ଷାରୁ ୧୨୯ ଜଣ ପ୍ରାର୍ଥୀଙ୍କୁ ଜାତୀୟ ସ୍ତରୀୟ ମେଧା ବୃତ୍ତି ପରୀକ୍ଷା ୨୦୧୮-୧୯ ନିମନ୍ତେ ଚୟନ କରାଯିବ। **୨୦୧୮ ନଭେମ୍ବର ୦୪ ତାରିଖ (ରବିବାର)** ଦିନ ଏହି ପରୀକ୍ଷା ଅନୁଷ୍ଠିତ ହେବ। ରାଜ୍ୟସ୍ତରୀୟ ଜାତୀୟ ମେଧାବୃତ୍ତି ପରୀକ୍ଷାର ସବିଶେଷ ବିବରଣୀ ନିମ୍ନରେ ଦିଆଗଲା।

**ପ୍ରଥମ ପର୍ଯ୍ୟାୟ :** ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଦ୍ୱାରା ପରିଚାଳିତ ରାଜ୍ୟସ୍ତରୀୟ ଜାତୀୟ ମେଧାବୃତ୍ତି ପରୀକ୍ଷା ଆସନ୍ତା ତା ୦୪.୧୧.୨୦୧୮ ରିଖ ରବିବାର ଦିନ ଅନୁଷ୍ଠିତ ହେବ।

**ଦ୍ୱିତୀୟ ପର୍ଯ୍ୟାୟ :** ଏନ୍.ସି.ଇ.ଆର୍.ଟି, ନୂଆଦିଲ୍ଲୀ ଦ୍ୱାରା ଜାତୀୟ ସ୍ତରୀୟ ମେଧାବୃତ୍ତି ପରୀକ୍ଷା ଆସନ୍ତା ୨୦୧୮-୨୦୧୯ ମସିହା ମେ ମାସର ୧୨ ତାରିଖ ରେ ପ୍ରଥମ ପର୍ଯ୍ୟାୟରୁ ଚୟନ କରାଯାଇଥିବା ପ୍ରାର୍ଥୀମାନଙ୍କୁ ନେଇ ପରିଚାଳିତ ହେବ।

**ପରୀକ୍ଷା ଦେୟ :** ଏହି ପରୀକ୍ଷା ନିମନ୍ତେ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ। କିନ୍ତୁ ପ୍ରାର୍ଥୀମାନେ ପରୀକ୍ଷା କେନ୍ଦ୍ରକୁ ଯିବା ଆସିବା ଖର୍ଚ୍ଚ ନିଜେ ବହନ କରିବେ।

**ପରୀକ୍ଷା ଦେବା ପାଇଁ ସର୍ବନିମ୍ନ ଯୋଗ୍ୟତା :** ଜାତୀୟ ମେଧାବୃତ୍ତି ପରୀକ୍ଷା ଦେବାପାଇଁ ପାର୍ଥୀ ୨୦୧୮-୧୯ ଶିକ୍ଷାବର୍ଷରେ ଯେ କୌଣସି ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟରୁ ଗତ ନବମ ଶ୍ରେଣୀବାର୍ଷିକ ପରୀକ୍ଷାରେ ସର୍ବନିମ୍ନ ୬୦ (ଷାଠିଏ) ପ୍ରତିଶତ ନମ୍ବର ରଖି ଦଶମ ଶ୍ରେଣୀ କୁ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ। ସଂରକ୍ଷିତ ବର୍ଗ ପାଇଁ ଏଥିରେ ୫ପ୍ରତିଶତ କୋହଳ କରାଯିବ ଅର୍ଥାତ୍ ସେଭଳି ପ୍ରାର୍ଥୀ ୫୫ (ପଞ୍ଚାବନ) ପ୍ରତିଶତ ନମ୍ବର ରଖିବା ଆବଶ୍ୟକ। ଓଡ଼ିଶାରେ ଅଧ୍ୟୟନ କରୁଥିବା ଯେ କୌଣସି ରାଜ୍ୟର ଛାତ୍ରଛାତ୍ରୀମାନେ ଏ ପରୀକ୍ଷା ଦେଇପାରିବେ।

**ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ପାଇଁ ରାଜ୍ୟର ଉଦ୍ଦିଷ୍ଟ ପ୍ରାର୍ଥୀ ସଂଖ୍ୟା :** ରାଜ୍ୟସ୍ତରୀୟ ଜାତୀୟ ମେଧାବୃତ୍ତି ପରୀକ୍ଷା ଦେଇଥିବା ପ୍ରାର୍ଥୀମାନଙ୍କ ମଧ୍ୟରୁ ୧୨୯ ଜଣ ପ୍ରାର୍ଥୀଙ୍କୁ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ପାଇଁ ଚୟନ କରାଯିବ। ଅନ୍ୟ ପଛୁଆ ବର୍ଗ (OBC) ପାଇଁ ୨୭ ପ୍ରତିଶତ, ଅନୁସୂଚିତ ଜାତି (SC)ଙ୍କ ପାଇଁ ୧୫ ପ୍ରତିଶତ, ଅନୁସୂଚିତ ଜନଜାତି (ST)ଙ୍କ ପାଇଁ ୭.୫ ପ୍ରତିଶତ ଏବଂ ଶାରୀରିକ ଭିନ୍ନକ୍ଷମ ବର୍ଗର ପ୍ରାର୍ଥୀଙ୍କ ପାଇଁ ୪ ପ୍ରତିଶତ ଆରକ୍ଷଣର ବ୍ୟବସ୍ଥା ରହିଛି।

**ପରୀକ୍ଷାର ବିଷୟ :** ରାଜ୍ୟସ୍ତରୀୟ ପରୀକ୍ଷା ୨୦୧୮-୧୯ରେ ମାନସିକ ଦକ୍ଷତା ପରୀକ୍ଷଣ ଏବଂ ବିଷୟଗତ ଦକ୍ଷତା ପରୀକ୍ଷଣ ନିମ୍ନମତେ ଅନୁଷ୍ଠିତ ହେବ।

| ପରୀକ୍ଷଣ | ପୂର୍ଣ୍ଣସଂଖ୍ୟା | ପ୍ରଶ୍ନସଂଖ୍ୟା | ଅବଧି |
|---|---|---|---|
| ମାନସିକ ଦକ୍ଷତାପରୀକ୍ଷଣ (MAT) | ୧୦୦ | ୧୦୦ | ୧୨୦ମିନିଟ୍ |
| ବିଷୟଗତ ଦକ୍ଷତା ପରୀକ୍ଷଣ (SAT) | ୧୦୦ | ୧୦୦ | ୧୨୦ମିନିଟ୍ |

୧. ମାନସିକ ଦକ୍ଷତା ପରୀକ୍ଷଣରେ ୧୦୦ଟି ବହୁବିକଳ୍ପ ଉତ୍ତର ମୂଳକ ପ୍ରଶ୍ନ ରହିବ ଏବଂ ୧୨୦ମିନିଟ୍ ମଧ୍ୟରେ ଉତ୍ତର ଦେବାକୁ ହେବ। ଏହା (Reasoning) ଯୁକ୍ତି, (Analogy) ସାଦୃଶ୍ୟ, (Classification) ଶ୍ରେଣୀ ବିଭାଗ, (Pattern Perception) ଢାଞ୍ଚା ଉପଲବ୍ଧି ଉପରେ ପର୍ଯ୍ୟବେସିତ ହେବ।

୨. **ବିଷୟଗତ ଦକ୍ଷତା :** ଏହି ବିଭାଗରେ ଗଣିତ, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବବିଜ୍ଞାନ, ଇତିହାସ, ଭୂଗୋଳ, ନାଗରବିଜ୍ଞାନ ଓ ଅର୍ଥନୀତି ଇତ୍ୟାଦି ବିଷୟରୁ ୧୦୦ଟି ବିହୁ ବହୁବିକଳ୍ପ ପ୍ରଶ୍ନ ରହିବ। ଏଗୁଡ଼ିକୁ ୧୨୦ମିନିଟ୍ ମଧ୍ୟରେ ଉତ୍ତର ଦେବାକୁ ହେବ।

**ଦୂରମୁକ୍ତ ଶିକ୍ଷାର୍ଥୀଙ୍କ ନିମନ୍ତେ :** ମୁକ୍ତ ଦୂର ଶିକ୍ଷଣ Open Distance Learing (ODL) ଜରିଆରେ ରେଜିଷ୍ଟ୍ରିଭୁକ୍ତ ଶିକ୍ଷାର୍ଥୀମାନେ ଏହି ବୃତ୍ତି ପାଇବାକୁ ଯୋଗ୍ୟ ଅଟନ୍ତି। ସେମାନେ ନିମ୍ନୋକ୍ତ ସର୍ତ୍ତଗୁଡ଼ିକ ପୂରଣ କରୁଥିବେ। ସେଗୁଡ଼ିକ ହେଲା :

- ଜୁଲାଇ ୧, ୨୦୧୮ ସୁଦ୍ଧା ୧୮ ବର୍ଷ ବୟସରୁ କମ୍ ହୋଇଥିବେ।
- କୌଣସି କର୍ମ ନିଯୁକ୍ତି ପାଇନଥିବେ।
- ବାଳକ / ବାଳିକା ପ୍ରଥମ ଥର ପାଇଁ ୧୦ମ ଶ୍ରେଣୀ ପରୀକ୍ଷା ଦବାକୁ ଯାଉଥିବେ।

**ପରୀକ୍ଷା ନିମନ୍ତେ ପାଠ୍ୟ ବିଷୟ :** ଏହି ପରୀକ୍ଷା ପାଇଁ କୌଣସି ନିର୍ଦ୍ଦିଷ୍ଟ ପାଠ୍ୟ ବିଷୟ ନାହିଁ। ତେବେ ପ୍ରଶ୍ନଗୁଡ଼ିକ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ କ୍ରମରୁ ଗଠିତ ହୋଇପାରେ।

**ଚୟନ ପ୍ରକ୍ରିୟା :** ଏହି ରାଜ୍ୟସ୍ତରୀୟ ପ୍ରଥମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଜାତୀୟ ସ୍ତରୀୟ ପରୀକ୍ଷାରେ ବସିବା ନିମନ୍ତେ ପ୍ରାର୍ଥୀଙ୍କୁ ପ୍ରତ୍ୟେକ ପତ୍ର ଯଥା ମ୍ୟାଟ୍ ଓ ସ୍ୟାଟ୍ ରେ ୪୦ (ଚାଳିଶି) ପ୍ରତିଶତ ନମ୍ବର ରଖିବାକୁ ପଡ଼ିବ। ତେବେ ସଂରକ୍ଷିତ ବର୍ଗ ପ୍ରାର୍ଥୀମାନଙ୍କ କ୍ଷେତ୍ରରେ ପ୍ରତ୍ୟେକ ପତ୍ରରେ ୩୨% ନମ୍ବର ରଖିବାକୁ ହେବ। ମ୍ୟାଟ୍ ଓ ସ୍ୟାଟ୍ରେ ଥିବା ମୋଟ୍ ନମ୍ବରକୁ ନେଇ ମେଧା ତାଲିକା ପ୍ରସ୍ତୁତ କରାଯିବ।

**ଦ୍ୱିତୀୟ ପର୍ଯ୍ୟାୟ :** ଜାତୀୟ ସ୍ତରର ପରୀକ୍ଷା ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (NCERT), ଦିଲ୍ଲୀଙ୍କ ଦ୍ୱାରା କରାଯାଇଥାଏ।

**ବୃତ୍ତିସଂଖ୍ୟା, ପରିମାଣ ଓ ଅବଧି :** ସମଗ୍ର ଦେଶରେ ୧୦୦୦ଟି ଜାତୀୟ ମେଧାବୃତ୍ତି ପ୍ରଦାନ କରାଯିବ। ମନୋନୀତ ପ୍ରାର୍ଥୀମାନଙ୍କର ପାଠପଢ଼ାର ସନ୍ତୋଷଜନକ ଅଗ୍ରଗତି ଆଧାରରେ ବିଜ୍ଞାନ, ସମାଜବିଜ୍ଞାନ ଓ ବାଣିଜ୍ୟ ବିଷୟରେ ପି.ଏଚ୍.ଡ଼ି ପର୍ଯ୍ୟନ୍ତ ଏବଂ ଇଞ୍ଜିନିୟରିଙ୍ଗ, ମେଡ଼ିସିନ୍, ମ୍ୟାନେଜ୍‌ମେଣ୍ଟ ଏବଂ ଆଇନ୍ ଶିକ୍ଷାରେ ପୋଷ୍ଟ ଗ୍ରାଜୁଏସନ୍ ପର୍ଯ୍ୟନ୍ତ ବୃତ୍ତି ପାଇବେ। ବୃତ୍ତିର ପରିମାଣ ନିମ୍ନରେ ଦିଆଗଲା।

କ. +୨ ସ୍ତର ପାଇଁ ୧୨୫୦ଟଙ୍କା
ଖ. +୩ ଓ ପିଜି ସ୍ତର ପାଇଁ ୨୦୦୦ଟଙ୍କା
ଗ. ପି.ଏଚ୍.ଡ଼ି ପାଇଁ ୟୁଜିସି ନିୟମ ଅନୁଯାୟୀ ବୃତ୍ତି ପାଇବେ

**ପରୀକ୍ଷା କେନ୍ଦ୍ର :**

ଏହି ପରୀକ୍ଷା ରାଜ୍ୟର ଜିଲ୍ଲା ସଦର ମହକୁମାରେ ଥିବା ସରକାରୀ ମହାବିଦ୍ୟାଳୟ ଏବଂ ଉଚ୍ଚ ବିଦ୍ୟାଳୟମାନଙ୍କରେ ଅନୁଷ୍ଠିତ ହେବ।

**ଆବେଦନ କରିବେ କିପରି :** ଆବେଦନ ପ୍ରଣାଳୀ ଜାଣିବା ପାଇଁ TE and SCERT ର USER MANNUAL ଦେଖନ୍ତୁ। ଛାତ୍ରଛାତ୍ରୀ TE and SCERT ର ୱେବ୍‌ସାଇଟ୍ www.scertodisha.nic.in କୁ Login କରି ଅନଲାଇନ୍ ଆବେଦନ ପତ୍ର ପୂରଣ କରିପାରିବେ। ଫର୍ମ ପୂରଣ କରିସାରିବା ପରେ ଡାଉନ୍‌ଲୋଡ୍ କରି ପ୍ରିଣ୍ଟ୍‌ଆଉଟ୍ ନେଇ ସ୍କୁଲ୍‌ରେ ଦାଖଲ କରିବେ। ସ୍କୁଲ୍‌ର ମୁଖ୍ୟ ସ୍କୁଲ୍ ପାଇଁ ଉଦ୍ଦିଷ୍ଟ ଆବଶ୍ୟକୀୟ ବିବରଣୀ ପୂରଣ କରି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଫର୍ମଗୁଡ଼ିକ ଦାଖଲ କରିବେ। ଜିଲ୍ଲା ଶିକ୍ଷା ଅଧିକାରୀ ଫର୍ମଗୁଡ଼ିକୁ ଉପଯୁକ୍ତ ଭାବରେ ଯାଞ୍ଚକରି Validate କରିବେ। ପ୍ରବେଶ ପତ୍ର (Admit Card) ଗୁଡ଼ିକ ବିଦ୍ୟାଳୟ/ଛାତ୍ରଛାତ୍ରୀମାନେ ଡାଉନ୍‌ଲୋଡ୍ କରିପାରିବେ।

**ସମୟ ନିର୍ଘଣ୍ଟ :**

| | |
|---|---|
| ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଅନ୍‌ଲାଇନ୍ ଆବେଦନର ପତ୍ର ପୂରଣ | ୦୭.୦୮.୨୦୧୮ ରୁ ୨୫.୦୮.୨୦୧୮ |
| ଛାତ୍ରଛାତ୍ରୀଙ୍କ ପ୍ରଧାନ ଶିକ୍ଷକଙ୍କ ନିକଟରେ ଆବେଦନ ପତ୍ର ଦାଖଲର ଶେଷ ତାରିଖ | ୩୧.୦୮.୨୦୧୮ |
| ପ୍ରଧାନ ଶିକ୍ଷକଙ୍କ ଦସ୍ତଖତ ଓ ମୋହର ସହ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଆବେଦନପତ୍ର ଦାଖଲ | ୦୭.୦୯.୨୦୧୮ |
| ଆବେଦନ ପତ୍ର ଶିକ୍ଷା ଅଧିକାରୀଙ୍କ ଦ୍ୱାରା ଅନ୍‌ଲାଇନ୍ Validation ର ଶେଷ ତାରିଖ | ୧୭.୦୯.୨୦୧୮ |
| ବିଦ୍ୟାଳୟ / ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରବେଶ ପତ୍ର ଡାଉନ୍‌ଲୋଡ୍ କରିବା | ୨୨.୧୦.୨୦୧୮ ରୁ |
| SCERT ଦ୍ୱାରା ରୋଲ୍ ସିଟ୍ ପରୀକ୍ଷା କେନ୍ଦ୍ରକୁ ପ୍ରେରଣ | ୨୭.୧୦.୨୦୧୮ |
| **ପରୀକ୍ଷାର ତାରିଖ** | ୦୪.୧୧.୨୦୧୮ |

**ଦରଖାସ୍ତ ଫର୍ମ ସହ ଆବଶ୍ୟକୀୟ ପ୍ରମାଣ ପତ୍ର ଦାଖଲ :**

ପଛୁଆ ବର୍ଗ (OBC), ଅନୁସୂଚୀତଜାତି ଓ ଜନଜାତି ପ୍ରାର୍ଥୀମାନଙ୍କର ଜାତିଗତ ପ୍ରମାଣ ପତ୍ର ତହସିଲ୍‌ଦାର୍ ବା ଅତିରିକ୍ତତହସିଲ୍‌ଦାରଙ୍କ ଠାରୁ ଓ ଭିନ୍ନକ୍ଷମ ପ୍ରାର୍ଥୀମାନଙ୍କର ପ୍ରମାଣପତ୍ର ସମ୍ପୃକ୍ତ ଜିଲ୍ଲା ମେଡ଼ିକାଲ୍ ବୋର୍ଡ଼ ଦ୍ୱାରା ପ୍ରାପ୍ତ ହେବା ବାଞ୍ଛନୀୟ। ନବମ ଶ୍ରେଣୀର ବାର୍ଷିକ ପରୀକ୍ଷାର ନମ୍ବର (ଶତକଡାରେ) ପ୍ରମାଣ ପତ୍ରରେ ଉଲ୍ଲେଖ କରାଯିବ।

ଅନ୍‌ଲାଇନ୍ ମାଧ୍ୟମରେ ଦରଖାସ୍ତ କରିଥିବା ଦରଖାସ୍ତର ଅବିକଳ ନକଲ ସହିତ ସମ୍ପୃକ୍ତ ଉପର ଲିଖିତ ତଥ୍ୟ ସମ୍ବଳିତ ଫର୍ଦ୍ଦଟି (document) ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ ଓ ପ୍ରାର୍ଥୀଙ୍କ ଦ୍ୱାରା ସାକ୍ଷରିତ ହୋଇ ୩୧.୦୮.୨୦୧୮ ସୁଦ୍ଧା ପହଂଚିବା ବାଞ୍ଛନୀୟ। ଏହାର ପରବର୍ତ୍ତୀ ସମୟରେ ପହଂଚିଥିବା ଦରଖାସ୍ତ ଗୁଡ଼ିକୁ ଗ୍ରହଣ କରାଯିବ ନାହିଁ।

**ନିର୍ଦ୍ଦେଶକ**

**ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା**

**ଓ ପ୍ରଶିକ୍ଷଣ ପରିଷଦ ଓଡ଼ିଶା, ଭୁବନେଶ୍ୱର**